# NATIONAL NEWS BULLETIN (ODIA)

## 21st July - 2024

## Morning Bulletin : 7.15 a.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ବିଶ୍ୱ ଐତିହ୍ୟ କମିଟିର ୪୬ତମ ଅଧିବେଶନକୁ ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ସଂସଦର ବଜେଟ୍ ଅଧିବେଶନ ପୂର୍ବରୁ ଆଜି ଅନୁଷ୍ଠିତ ହେବ ସର୍ବଦଳୀୟ ବୈଠକ ।

- ନୀଟ୍-ୟୁ.ଜି. ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଆଉ ୩ ଜଣଙ୍କୁ ଗିରଫ କଲା ସି.ବି.ଆଇ. ।

- ନେପାଳର ସଂସଦରେ ଆଜି ଆସ୍ଥା ଭୋଟ୍ ଲୋଡ଼ିବେ ନବନିର୍ବାଚିତ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ।

ଏବଂ

- ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ ପ୍ରତିଯୋଗିତାରେ ଭାରତ ଓ ସଂଯୁକ୍ତ ଆରବ ଏମିରେଟ୍ସ୍ ମଧ୍ୟରେ ହେବ ମୁକାବିଲା ।

## ୱାର୍ଲ୍ଡ୍ ହେରିଟେଜ୍ କମିଟି

ବିଶ୍ୱ ଐତିହ୍ୟ କମିଟିର ୪୬ତମ ଅଧିବେଶନ ଆଜି ନୂଆଦିଲ୍ଲୀରେ ଆରମ୍ଭ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅଧିବେଶନକୁ ଉଦ୍‌ଘାଟନ କରିବେ। ଭାରତ୍ ମଣ୍ଡପମ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଅଧିବେଶନ ଆସନ୍ତା ୩୧ ତାରିଖ ପର୍ଯ୍ୟ ଚାଲିବ। ଭାରତ ପ୍ରଥମଥର ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛି । ପ୍ରତିବର୍ଷ ଆୟୋଜିତ ହେଉଥିବା ଏହି ଅଧିବେଶନରେ ବିଶ୍ୱ ଐତିହ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଏବଂ ଐତିହ୍ୟ ତାଲିକାରେ ସ୍ଥାନିତ ହେବାକୁ ଥିବା ସ୍ଥାନଗୁଡ଼ିକ ସମ୍ପର୍କରେ ବିଚାର ବିମର୍ଶ କରାଯାଏ । ଏଥିସହ ୧୨୪ଟି ତାଲିକାଭୁକ୍ତ ବିଶ୍ୱ ଐତିହ୍ୟ ସ୍ମାରକୀଗୁଡ଼ିକର ସଂରକ୍ଷଣ ରିପୋର୍ଟ, ଆନ୍ତର୍ଜାତିକ ସହାୟତା ଏବଂ ଐତିହ୍ୟ ପାଣ୍ଠିର ଉପଯୋଗ ଉପରେ ଆଲୋଚନା କରାଯାଏ ।

ଏହି ସମାରୋହରେ ୟୁନେସ୍କୋର ମହାନିର୍ଦ୍ଦେଶକ ମାଡାମ୍ ଔଡ୍ରେ ଅଜୌଲେ ଏବଂ ୟୁନେସ୍କୋ ବିଶ୍ୱ ଐତିହ୍ୟ ସଚିବାଳୟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ବିଭିନ୍ନ ଦେଶର ସଂସ୍କୃତିମନ୍ତ୍ରୀ, ରାଷ୍ଟ୍ରଦୂତ ଏବଂ

ବିଶେଷଜ୍ଞଙ୍କ ସମେତ ୧୫୦ଟି ରାଷ୍ଟ୍ରର ଦୁଇ ହଜାରରୁ ଅଧିକ ପ୍ରତିନିଧି ଯୋଗ ଦେଉଛନ୍ତି । ଏହି ବୈଠକରେ ଭାରତର ବିବିଧତା ଏବଂ ଅନନ୍ୟ ସାଂସ୍କୃତିକ ତଥା ପ୍ରାକୃତିକ ଐତିହ୍ୟକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶିତ କରାଯିବ । ଏଭଳି ଆନ୍ତର୍ଜାତିକ ବୈଠକ' ବିଶ୍ୱରେ ଭାରତର ଶକ୍ତିକୁ ଆହୁରି ଦୃଢ଼ୀଭୂତ କରିବା ସହିତ ବିଶ୍ୱସ୍ତରରେ ପ୍ରସାର ପାଇଁ ମଧ୍ୟ ଏକ ସୁଯୋଗ ପ୍ରଦାନ କରିବ ।

ବିଶ୍ୱ ଐତିହ୍ୟ ତାଲିକାରେ ଭାରତର ୪୨ଟି ସ୍ମାରକୀକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହା ବ୍ୟତୀତ ଅସ୍ଥାୟୀ ତାଲିକାରେ ଭାରତର ୫୭ଟି ସ୍ମାରକୀ ସ୍ଥାନିତ ହୋଇଛି ।

# ଅଲ୍ ପାର୍ଟି ମିଟ୍

ସଂସଦର ବଜେଟ୍ ଅଧିବେଶନ ପୂର୍ବରୁ ସରକାର ଆଜି ସର୍ବଦଳୀୟ ବୈଠକ ଡାକିଛନ୍ତି । ଏହି ବୈଠକରେ ସରକାର ସଂସଦର ଉଭୟ ଗୃହର ସୁପରିଚାଳନା ନିମନ୍ତେ  ସମସ୍ତ ରାଜନୈତିକ ଦଳର ସହଯୋଗ ଲୋଡ଼ିବେ । ବଜେଟ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଆସନ୍ତାମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଆସନ୍ତା ମଙ୍ଗଳବାର ଦିନ କେନ୍ଦ୍ର ବଜେଟ ଉପସ୍ଥାପନ କରାଯିବ । ନରେନ୍ଦ୍ର ମୋଦୀ ସରକାରଙ୍କର ତୃତୀୟ ପାଳିରେ

ଏହା ହେବ ପ୍ରଥମ ବଜେଟ । ଗତମାସରେ ସଂସଦର ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧିତ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ, ଏହି ବଜେଟ ସରକାରଙ୍କର ସୁଦୂରପ୍ରସାରୀ ନୀତି ଏବଂ ଭବିଷ୍ୟତ ଦୃଷ୍ଟିକୋଣର ଏକ ପ୍ରଭାବଶାଳୀ ଦସ୍ତାବିଜ ହେବ । ଏହି ଅଧିବେଶନରେ ସରାକର ୬ଟି ନୂତନ ବିଧେୟକ ଆଗତ କରିପାରନ୍ତି ।

## ଅମିତ୍ ଶାହା - ଝାଡ଼ଖଣ୍ଡ

ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ବରିଷ୍ଠ ବି.ଜେ.ପି. ନେତା ଅମିତ୍ ଶାହା ଝାଡ଼ଖଣ୍ଡରେ ହେମନ୍ତ ସୋରେନ୍‌ଙ୍କ ସରକାର ଦୁର୍ନୀତିରେ ଲିପ୍ତ ଅଛନ୍ତି ବୋଲି ଅଭିଯୋଗ କରିଛନ୍ତି । ରାଞ୍ଚିଠାରେ ଅନୁଷ୍ଠିତ ଝାଡ଼ଖଣ୍ଡ ବି.ଜେ.ପି. ରାଜ୍ୟ ଶାଖାର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା ଏହା କହିଛନ୍ତି । ସେ କହିଛନ୍ତି, ଇତିମଧ୍ୟରେ ଜଣେ ସାଂସଦଙ୍କ ବାସଗୃହରୁ ନଗଦ ୩୦୦ କୋଟି ଟଙ୍କା ଜବତ କରାଯାଇଥିବାବେଳେ ଝାଡ଼ଖଣ୍ଡର ଜଣେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକଙ୍କଠାରୁ ୩୦ କୋଟି ଟଙ୍କା ଜବତ କରାଯାଇଛି । ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଦଳର ରଣନୀତି ସମ୍ପର୍କରେ ଶ୍ରୀ ଶାହା କର୍ମୀମାନଙ୍କୁ ସୂଚନା ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଜନ ସଚେତନତା ବୃଦ୍ଧି ପାଇଁ

ଶ୍ରୀ ଶାହା ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି । ଏହି ସମାରୋହରେ ରାଜ୍ୟର ଦଳୀୟ ସାଂସଦ, ବିଧାୟକଙ୍କ ସମେତ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପ୍ରମୁଖ ଯୋଗ ଦେଇଥିଲେ ।

## ଓଡ଼ିଶା - ଅଲ୍ ପାର୍ଟି ମିଟ୍

ଓଡ଼ିଶା ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏହାର ପରୂର୍ବରୁ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୧୧ଟାରେ ବୈଠକ ବସିବ । ବଜେଟ୍ ଅଧିବେଶନକୁ ସୂଚାରୁରୂପେ ପରିଚାଳନା କରିବାପାଇଁ ବାଚସ୍ପତି ସମସ୍ତଙ୍କ ସହଯୋଗ କାମନା କରିବେ ବୋଲି ଜଣାପଡ଼ିଛି । ବୈଠକ ପୂର୍ବରୁ ସରକାରୀ ଦଳ ମୁଖ୍ୟ ସଚେତକ ଏବଂ ଉପମୁଖ୍ୟ ସଚେତକ ନିଯୁକ୍ତ ହେବେ । ସେହିପରି ଆସନ୍ତା ୨୩ ତାରିଖରେ ଉପବାଚସ୍ପତି ପଦ ଲାଗି ନାମାଙ୍କନ ହେବ । ୨୪ ତାରିଖରେ ଫଳାଫଳ ଘୋଷଣା କରାଯିବ । ଆସନ୍ତା ୨୫ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରାଯିବ ।

## ସି.ବି.ଆଇ. - ନୀଟ୍‌-ୟୁ.ଜି.

ନୀଟ୍‌-ୟୁ.ଜି. ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ସି.ବି.ଆଇ. ଆଉ ୩ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ମଧ୍ୟରୁ ରାଜସ୍ଥାନର ଭରତପୁର ମେଡିକାଲ୍‌ କଲେଜର ୨ ଜଣ ଛାତ୍ର ଅଛନ୍ତି । ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଥିବା ଅଭିଯୋଗରେ ତୃତୀୟ ବ୍ୟକ୍ତିକୁ ଗିରଫ କରାଯାଇଛି । ଝାଡ଼ଖଣ୍ଡର ହଜାରିବାଗ୍‌ଠାରେ ମଇ ମାସ ୫ ତାରିଖ ଦିନ ପରୀକ୍ଷା ସମୟରେ ସେମାନେ ଉପସ୍ଥିତ ଥିବା ଅନୁସନ୍ଧାନରୁ ଜଣାପଡ଼ିଛି ।

## ନେପାଳ - ପି.ଏମ୍‌.

ନେପାଳର ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଆଜି ସଂସଦରେ ଆସ୍ଥା ଭୋଟ୍‌ ଲୋଡ଼ିବେ। ନେପାଳର ସମ୍ବିଧାନ ଅନୁଯାୟୀ ନବ ନିଯୁକ୍ତ ପ୍ରଧାନମନ୍ତ୍ରୀ ୩୦ ଦିନ ମଧ୍ୟରେ ସଂସଦରେ ଆସ୍ଥା ଭୋଟ୍‌ ଲୋଡ଼ିବେ । ୭୨ ବର୍ଷୀୟ ବରିଷ୍ଠ କମ୍ୟୁନିଷ୍ଟ ନେତା ଚତୁର୍ଥ ଥରପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ନେପାଳର ସର୍ବବୃହତ୍‌ କମ୍ୟୁନିଷ୍ଟ ପାର୍ଟି ସି.ପି.ଏନ୍‌.-ୟୁ.ଏମ୍‌.ଏଲ୍‌.ର ଅଧ୍ୟକ୍ଷ ଶ୍ରୀ ଓଲିଙ୍କୁ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ୍‌

ପ୍ରଧାନମନ୍ତ୍ରୀ ଭାବରେ ଶପଥପାଠ କରାଇଛନ୍ତି । ପୁଷ୍ପକମଲ୍ ଦହଲ ପ୍ରଚଣ୍ଡଙ୍କ ସରକାର ଆସ୍ଥା ଭୋଟ୍‌ରେ ପରାସ୍ତ ହେବା ପରେ ଶ୍ରୀ ଓଲି ସରକାର ଗଠନ କରିଛନ୍ତି । ଆସ୍ଥା ଭୋଟ୍ ଜିତିବାପାଇଁ ଶ୍ରୀ ଓଲିଙ୍କୁ ୨୭୫ ସଦସ୍ୟ ବିଶିଷ୍ଟ ସଂସଦର ୧୩୮ଟି ଭୋଟ୍‌ର ଆବଶ୍ୟକତା ରହିଛି । ତେବେ ଶ୍ରୀ ଓଲିଙ୍କ ମେଣ୍ଟ ସରକାରର ୧୬୬ ଜଣ ସଦସ୍ୟ ରହିଛନ୍ତି । ନେପାଳ ସଂସଦ ସଚିବାଳୟର ଯୁଗ୍ମ ସଚିବ ତଥା ମୁଖପାତ୍ର ଦଶରଥ ଧାମଲା କହିଛନ୍ତି, ଆଜି ଅପରାହ୍ଣ ଗୋଟାଏ ବେଳେ ସଂସଦରେ ଆସ୍ଥା ଭୋଟ୍ ନିଆଯିବ ।

## ବାଂଲାଦେଶ ପ୍ରୋଟେଷ୍ଟ

ସରକାରି ଚାକିରିରେ ସ୍ଥାନ ସଂରକ୍ଷଣ ନେଇ ବାଂଲାଦେଶରେ ଚାଲିଥିବା ବିକ୍ଷୋଭ କ୍ରମଶଃ ଅଧିକରୁ ଅଧିକ ଉଗ୍ର ରୂପ ଧାରଣ କରିଛି । ବିଭିନ୍ନ ସ୍ଥାନରେ କର୍ଫ୍ୟୁ ଜାରି କରାଯାଇ ଆଜି ପୂର୍ବାହ୍ନ ପର୍ଯ୍ୟନ୍ତ କର୍ଫ୍ୟୁ ବଳବତ୍ତର ରହିବ ବୋଲି ଜଣାପଡ଼ିଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ବିକ୍ଷୋଭକୁ ଦମନ କରିବା ପାଇଁ ପୁଲିସ୍‌କୁ ଆବଶ୍ୟକସ୍ଥଳେ ଗୁଳିଚାଳନ କରିବାକୁ ଅନୁମତି ଦିଆଯାଇଛି । ସମସ୍ତ ଶିକ୍ଷାନୁଷ୍ଠାନକୁ ଅନିର୍ଦ୍ଦିଷ୍ଟ କାଳପାଇଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭାରତ ଏବଂ ବାଂଲାଦେଶ ମଧ୍ୟରେ ଚାଲିଥିବା ଟ୍ରେନ ଚଳାଚଳକୁ ବାତିଲ୍ କରାଯାଇଛି ।

ଇତିମଧ୍ୟରେ ବାଂଲାଦେଶରୁ ପ୍ରାୟ ୧ ହଜାର ଭାରତୀୟ ଛାତ୍ରଛାତ୍ରୀ ଗତକାଲି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଢାକାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାରେ ସହାୟତା ଯୋଗାଇ ଦେଉଛନ୍ତି । ବାଂଲାଦେଶର ବିଭିନ୍ନ ମେଡିକାଲ୍ କଲେଜରେ ବହୁ ଭାରତୀୟ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ସୀମା ସୁରକ୍ଷା ବାହିନୀ ପକ୍ଷରୁ ତ୍ରିପୁରାର ସୋନମୁରା ଉପଖଣ୍ଡର ଶ୍ରୀମନ୍ତପୁର ଏବଂ ଅଗରତାଲାଠାରେ ଥିବା ଚେକ୍‌ପୋଷ୍ଟରୁ ସୁରକ୍ଷିତ ଭାବେ ଛାତ୍ରଛାତ୍ରୀଙ୍କୁ ଫେରାଇ ଅଣାଯାଇଛି । ସେଠାରେ ସେମାନଙ୍କୁ ପାନୀୟ ଜଳ ଏବଂ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଇଥିଲା ।

ସେହିଭଳି ବେସାମରିକ ବିମାନ ଚଳାଚଳ, ସ୍ୱରାଷ୍ଟ୍ର, ବନ୍ଦର ମନ୍ତ୍ରଣାଳୟ ସହିତ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟଙ୍କର ସୁରକ୍ଷିତ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଲାଗି ସହଯୋଗ ନିଆଯାଇଛି। ବାଂଲାଦେଶରେ ଅଧ୍ୟୟନରତ ନେପାଳ ଓ ଭୁଟାନର ଛାତ୍ରଛାତ୍ରୀଙ୍କ ଅନୁରୋଧ ରକ୍ଷା କରି ସେମାନଙ୍କୁ ଭାରତୀୟ ସୀମା ଅତିକ୍ରମ କରିବା ଦିଗରେ ଆବଶ୍ୟକ ସହାୟତା କରାଯାଉଛି ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି।

## ଇସ୍ରାଏଲ୍ - ଏୟାରଷ୍ଟ୍ରାଇକ୍

ପଶ୍ଚିମ ୟେମେନ୍‌ର ହାଉତି ବିଦ୍ରୋହୀଙ୍କ ନିୟନ୍ତ୍ରଣରେ ଥିବା ଅଲ୍-ହୁଦାୟଦା ବନ୍ଦରର ଏକ ଇନ୍ଧନ ଡିପୋ ଉପରେ ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ

ପକ୍ଷରୁ ବିମାନ ଆକ୍ରମଣ କରାଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ଆଇ.ଡି.ଏଫ୍. କହିଛି, ହାଉତି ବିଦ୍ରୋହୀଙ୍କ ପକ୍ଷରୁ ତେଲ୍ ଆଭିଭ୍ ଉପରେ ହୋଇଥିବା ଆକ୍ରମଣ ପରିପ୍ରେକ୍ଷୀରେ ଏହି ପଦକ୍ଷେପ ନିଆଯାଇଛି । ବିଦ୍ରୋହୀଙ୍କ ଆକ୍ରମଣରେ ଜଣେ ସାଧାରଣ ନାଗରିକଙ୍କ ମୃତ୍ୟୁ ହେବା ସହ ଅନ୍ୟ ୮ ଜଣ ଆହତ ହୋଇଥିଲେ । ଆଇ.ଡି.ଏଫ୍. ମୁଖପାତ୍ର କହିଛନ୍ତି, ଏହି ଆକ୍ରମଣରେ ବିଦ୍ରୋହୀ ଗୋଷ୍ଠୀ ଇରାନ୍ ନିର୍ମିତ ଡ୍ରୋନ୍ ବ୍ୟବହାର କରିଥିଲେ । ଇସ୍ରାଏଲ୍‌ର ବୈଦେଶିକ ମନ୍ତ୍ରୀ ଇଜ୍ରାଏଲ୍ କାଜ୍ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ବିଦ୍ରୋହୀଙ୍କର ଏହି ଆକ୍ରମଣପାଇଁ ଇରାନ୍‌କୁ ପରିଣାମ ଭୋଗିବାକୁ ବୋଲି କହିଛନ୍ତି । ଇରାନ୍ ଉପରେ କଠୋର ବ୍ୟବସ୍ଥା ଲାଗୁ କରିବାକୁ ସେ ଆନ୍ତର୍ଜାତିକ ସମୁଦାୟକୁ ଆହ୍ୱାନ ଦେଇଛନ୍ତି ।

## ହରିୟାଣା - ଇ.ଡି.

ହରିଆଣାର ଯମୁନାନଗର ଅଞ୍ଚଳରେ ବେଆଇନ ଖଣି କାରବାର ମାମଲାରେ ଗିରଫ ହୋଇଥିବା ସୋନିପତ୍ ବିଧାୟକ ତଥା କଂଗ୍ରେସ ନେତା ସୁରେନ୍ଦର ପନୱାରଙ୍କୁ ୯ ଦିନ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ହେପାଜତ୍‌କୁ ପଠାଇ ଦିଆଯାଇଛି । ଗିରଫ ପରେ ଇ.ଡି. ପକ୍ଷରୁ ତାଙ୍କୁ କୋର୍ଟରେ ହାଜର

କରାଯାଇଥିଲା । ଅମ୍ବାଲା ଜିଲ୍ଲା ଏବଂ ସେସନ୍ସ କୋର୍ଟ ଇ.ଡି. ପକ୍ଷରୁ ଆଗତ ଆବେଦନ ଉପରେ ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ, ପୂର୍ବରୁ ଜାନୁୟାରୀ ୪ ତାରିଖରେ ବିଧାୟକ ପନୱାରଙ୍କ ବାସଗୃହ ଏବଂ କାର୍ଯ୍ୟାଳୟରେ ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ବହୁ ଆପତ୍ତିଜନକ ଦସ୍ତବିଜ ଜବତ କରାଯାଇଥିଲା । ଏହି ମାମଲାରେ  ଯମୁନାନଗର, ସୋନିପତ ଏବଂ କର୍ଣ୍ଣାଲ୍‌ର ବିଭିନ୍ନ ଅଞ୍ଚଳରେ ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା ।

## ୱିମେନ୍ କ୍ରିକେଟ୍ - ଏସିଆ କପ୍

ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଶ୍ରୀଲଙ୍କାର ରାଙ୍ଗିରି ଦାମ୍ବୁଲା ଅନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ଅପରାହ୍ଣ ୨ଟାରେ ଏହି ମ୍ୟାଚ୍ ଖେଳାଯିବ । ଭାରତ ବିଜୟୀ ହେଲେ ସେମିଫାଇନାଲ୍ ପର୍ଯ୍ୟାୟରେ ନିଜର ସ୍ଥାନ ସୁନିଶ୍ଚିତ କରିପାରିବ ।

ଅନ୍ୟପକ୍ଷରେ ଦ୍ୱିତୀୟ ମ୍ୟାଚ୍ ସନ୍ଧ୍ୟା ୭ଟାରେ ପାକିସ୍ତାନ ଓ ନେପାଳ ମଧ୍ୟରେ ମୁକାବିଲା ହେବ ।

ଶ୍ରୀଲଙ୍କା ଗତ ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ ବାଂଲାଦେଶକୁ ୭ ୱିକେଟ୍‌ରେ ପରାସ୍ତ କରିଛି । ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୮ ୱିକେଟ୍ ୧୧୧ ରନ୍ ସଂଗ୍ରହ କରିଥିଲା । ୧୧୨ ରନ୍‌ର ବିଜୟ ଲକ୍ଷ୍ୟକୁ ଶ୍ରୀଲଙ୍କା ୧୭ ଓଭର୍ ଗୋଟିଏ ବଲ୍‌ରେ ୩ ୱିକେଟ୍ ହରାଇ ହାସଲ କରିଥିଲା । ଶ୍ରୀଲଙ୍କା ପକ୍ଷର ଓପ୍‌ନିଙ୍ଗ୍ ବ୍ୟାଟ୍‌ସ୍ମ୍ୟାନ୍ ବିସ୍କି ଗୁରରତ୍ନେ ୪୮ଟି ବଲ୍‌ରୁ ୫୧ ରନ୍ ସଂଗ୍ରହ କରିବା ସହ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

*****